# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

### 21 April – 2026

## ରାଷ୍ଟ୍ରପତିଙ୍କ ଦିନିକିଆ ଓଡ଼ିଶା ଗସ୍ତ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ଓଡ଼ିଶା ଗସ୍ତରେ ଆସୁଛନ୍ତି । ଗସ୍ତ ସମୟରେ ରାଷ୍ଟ୍ରପତି ରାଉରକେଲାଠାରେ ଏକ ପ୍ଲାନେଟୋରିୟମ୍ ଓ ବିଜ୍ଞାନ କେନ୍ଦ୍ର ଏବଂ ନିର୍ମଳ ମୁଣ୍ଡା ପରିବେଶ ପଥକୁ ଉଦ୍‌ଘାଟନ କରିବେ । ଏହା ସହିତ ବିମାନ ବନ୍ଦର ନିକଟ ପଡ଼ିଆରେ ଆୟୋଜିତ ଏକ ଜନସଭାକୁ ମଧ୍ୟ ସମ୍ବୋଧିତ କରିବେ । ଶ୍ରୀମତୀ ମୁର୍ମୁ ରାଉରକେଲାଠାରେ ଆଦିପର୍ବରେ ସାମିଲ ହେବା ସହ ଜନଜାତି ସଂଗ୍ରହାଳୟ, କମାଣ୍ଡ ଓ ନିୟନ୍ତ୍ରଣ କକ୍ଷକୁ ମଧ୍ୟ ଉଦ୍‌ଘାଟନ କରିବାର କାର୍ଯ୍ୟସୂଚୀ ରହିଛି ।

## ରାଜ୍ୟପାଳ

ଦୈନନ୍ଦିନ ଜୀବନରେ ଓଡ଼ିଆ ଭାଷାକୁ ପ୍ରୋତ୍ସାହିତ କରିବା ପାଇଁ ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟି ଆହ୍ୱାନ ଦେଇଛନ୍ତି । ଭୁବନେଶ୍ୱରସ୍ଥିତ ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ରରେ ଏକ କାର୍ଯ୍ୟକ୍ରମରେ ଯୋଗଦେଇ ରାଜ୍ୟପାଳ କହିଛନ୍ତି ଭାଷା ଓ ସଂସ୍କୃତି ହେଉଛି ଜୀବନ୍ତ ସମ୍ପଦ । ଦେଶର ପ୍ରାଚୀନତମ ଶାସ୍ତ୍ରୀୟ ଭାଷା ମଧ୍ୟରୁ ଓଡ଼ିଆ ଅନ୍ୟତମ । ଏହା ଶତାବ୍ଦୀ ଶତାବ୍ଦୀର ଜ୍ଞାନ ଓ ବୌଦ୍ଧିକ ଚିନ୍ତାଧାରାକୁ ଧାରଣ କରିଛି ବୋଲି ରାଜ୍ୟପାଳ କହିଛନ୍ତି ।

# ଜେଇଇ

ଜାତୀୟ ପରୀକ୍ଷଣ ସଂସ୍ଥା-ଏନ୍‌ଟିଏ ପକ୍ଷରୁ ଯୁଗ୍ମ ପ୍ରବେଶିକା ପରୀକ୍ଷା-ଜେଇଇ ମେନ୍-୨୦୨୬ ସେସନ୍-୨ର ପରୀକ୍ଷା ଫଳ ପ୍ରକାଶ ପାଇଛି । ଜେଇଇ ପେପର-ୱାନ୍ ବିଇ-ବିଟେକ୍ ପରୀକ୍ଷାରେ ୨୬ ଜଣ ଛାତ୍ରଛାତ୍ରୀ ଶତପ୍ରତିଶତ ପର୍ସେଣ୍ଟାଇଲ୍ ମାର୍କ ରଖିଛନ୍ତି । ସେମାନଙ୍କ ମଧ୍ୟରେ ଓଡ଼ିଶାର ଭବେଶ ପାତ୍ର ରହିଛନ୍ତି । ଚଳିତବର୍ଷ ଏଥିପାଇଁ ମୋଟ୍ ୧୧ଲକ୍ଷ ୧୦ ହଜାର ୯୦୪ ଜଣ ଛାତ୍ରଛାତ୍ରୀ ପଞ୍ଜୀକରଣ କରିଥିଲେ ।

---

# ସାମୂହିକ ବିବାହ

ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନାରେ ଆଜି ୨୭ଟି ଜିଲ୍ଲାରେ ୧ ହଜାରରୁ ଊର୍ଦ୍ଧ୍ୱ କନ୍ୟାଙ୍କ ସାମୂହିକ ବିବାହ ଅନୁଷ୍ଠିତ ହେବ । ସାମାଜିକ ସୁରକ୍ଷା ଓ ଲିଙ୍ଗଗତ ସମାନତା କ୍ଷେତ୍ରରେ ଏହି ପଦକ୍ଷେପ ସହାୟକ ହେବ ବୋଲି ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ କୁହାଯାଇଛି । ଏହି ଯୋଜନାରେ ସରକାରଙ୍କ ପକ୍ଷରୁ ବିବାହର ସମସ୍ତ ଖର୍ଚ୍ଚ ବହନ କରାଯିବା ସହ ପ୍ରତ୍ୟେକ ବିବାହ ପାଇଁ ୬୦ହଜାର ଟଙ୍କା ଲେଖାଏଁ ପ୍ରଦାନ କରାଯାଉଛି ।

---

# ବକ୍ତୃତା

ଭୁବନେଶ୍ୱର ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟରେ ପ୍ରଖ୍ୟାତ ଔପନ୍ୟାସିକ ପଦ୍ମଭୂଷଣ ଗୋପୀନାଥ ମହାନ୍ତିଙ୍କ ୧୧୨ତମ ଜୟନ୍ତୀ ଅବସରରେ ଏକ ସ୍ମାରକୀ ବକ୍ତୃତା ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ଗୋପୀନାଥ

ମହାନ୍ତିଙ୍କ ସାରସ୍ୱତ କୃତି ଓଡ଼ିଆ ସାହିତ୍ୟ ଜଗତକୁ ଋଦ୍ଧିମନ୍ତ କରିଛି ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ ।

---

## ଚାପଖେଳ

କେନ୍ଦ୍ରାପଡ଼ାର ଆରାଧ୍ୟ ଦେବତା ଶ୍ରୀ ବଳଦେବଜୀଉଙ୍କର ଭଉଁରୀ ଚାପଖେଳ ପର୍ବ ଗତକାଲି ଅକ୍ଷୟତୃତୀୟାଠାରୁ ଆରମ୍ଭ ହୋଇଛି। ସେବାୟତମାନେ ଶ୍ରୀଜୀଉଙ୍କ ଚଳନ୍ତି ବିଗ୍ରହ ଗୋବିନ୍ଦଜୀଉଙ୍କୁ ମଣିବିମାନରେ ଚାପ ମଣ୍ଡପ ନିକଟକୁ ନେବା ପରେ ଠାକୁରଙ୍କ ସ୍ୱତନ୍ତ୍ର ନୀତିକାନ୍ତି ଅନୁଷ୍ଠିତ ହୋଇଥିଲା।

---

## ଚନ୍ଦନଯାତ୍ରା

ଅକ୍ଷୟ ତୃତୀୟଠାରୁ ଗତକାଲି ପୁରୀରେ ମହାପ୍ରଭୁଙ୍କ ୨୧ ଦିନିଆ ବାହାର ଚନ୍ଦନଯାତ୍ରା ଆରମ୍ଭ ହୋଇଛି । ଗ୍ରୀଷ୍ମ ପ୍ରକୋପରୁ ଆଶ୍ୱସ୍ତି ପାଇଁ ନରେନ୍ଦ୍ର ପୁଷ୍କରିଣୀରେ ମହାପ୍ରଭୁ ନୌକା ବିହାର କରିବାର ପରମ୍ପରା ରହିଛି । ଶ୍ରୀଜୀଉଙ୍କ ଏହି ମାନବୀୟ ଲୀଳା ଦେଖିବାକୁ  ପୁରୀରେ ଶ୍ରଦ୍ଧାଳୁଙ୍କ ସମାଗମ ହେଉଛି ।

---

## ଚାପଖେଳ

କେନ୍ଦ୍ରାପଡ଼ାର ଆରାଧ୍ୟ ଦେବତା ଶ୍ରୀ ବଳଦେବଜୀଉଙ୍କର ଭଉଁରୀ ଚାପଖେଳ ପର୍ବ ଗତକାଲି ଅକ୍ଷୟତୃତୀୟାଠାରୁ ଆରମ୍ଭ ହୋଇଛି। ସେବାୟତମାନେ ଶ୍ରୀଜୀଉଙ୍କ ଚଳନ୍ତି ବିଗ୍ରହ ଗୋବିନ୍ଦଜୀଉଙ୍କୁ

ମଣିବିମାନରେ ଚାପ ମଣ୍ଡପ ନିକଟକୁ ନେବା ପରେ ଠାକୁରଙ୍କ ସ୍ୱତନ୍ତ୍ର ନୀତିକାନ୍ତି ଅନୁଷ୍ଠିତ ହୋଇଥିଲା ।

## ଘର ଗଣନା

ଗଞ୍ଜାମ ଜିଲ୍ଲାରେ ଘର ଗଣନା ପ୍ରକ୍ରିୟା ସଫଳତାର ସହ ଶେଷ ହୋଇଥିବା ଜିଲ୍ଲା ପ୍ରଶାସନ ପକ୍ଷରୁ କୁହାଯାଇଛି । ଏଥିରେ ୬ ହଜାରରୁ ଊର୍ଦ୍ଧ୍ୱ ଜନଗଣନାକାରୀ ନିୟୋଜିତ ହୋଇଥିଲେ ।

## ଦକ୍ଷତା କେନ୍ଦ୍ର- ନାମଲେଖା

ଭୁବନେଶ୍ୱର ବିଶ୍ୱ ଦକ୍ଷତା କେନ୍ଦ୍ରରେ ୨୦୨୬-୨୭ ଶିକ୍ଷାବର୍ଷ ପାଇଁ ନାମଲେଖା ଜାରି ରହିଛି । ଛାତ୍ରଛାତ୍ରୀମାନେ ଏକବର୍ଷିଆ ଅତ୍ୟାଧୁନିକ ଦକ୍ଷତା ବିକାଶ ପାଠ୍ୟକ୍ରମରେ ନାମଲେଖା ପାଇଁ ଆସନ୍ତା ୩୦ ତାରିଖ ପର୍ଯ୍ୟନ୍ତ ଆବେଦନ କରିପାରିବେ । **www.worldskillcentre.org** ରେ ଏ ସଂପର୍କିତ ଅଧିକ ତଥ୍ୟ ଉପଲବ୍ଧ ହେଉଛି ।

## ପ୍ରଶାସନିକ ସେବା ଦିବସ

ଜତୀୟ ପ୍ରଶାସନିକ ସେବା ଦିବସ ଆଜି ପାଳନ କରାଯାଉଛି । ୧୯୪୭ ମସିହା ଆଜିର ଦିନରେ ଦେଶର ପ୍ରଥମ ସ୍ୱରାଷ୍ଟ୍ରମନ୍ତ୍ରୀ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ ଦିଲ୍ଲୀର ମେଟକାଫ୍ ହାଉସ୍‌ରେ ପ୍ରଶାସନିକ ସେବାର ଶିକ୍ଷାନବୀଶ ଅଧିକାରୀମାନଙ୍କୁ ପ୍ରଥମକରି ସମ୍ବୋଧିତ କରିଥିଲେ । ସେହିଦିନକୁ ସ୍ମରଣୀୟ କରିବା ସହିତ ଦେଶସେବା ପ୍ରତି ପ୍ରଶାସନିକ ଅଧିକାରୀମାନଙ୍କୁ

ପ୍ରୋତ୍ସାହିତ କରିବା ପାଇଁ ଏପ୍ରିଲ୍ ୨୧ ତାରିଖକୁ ଜାତୀୟ ପ୍ରଶାସନିକ ସେବା ଦିବସ ରୂପେ ପାଳନ କରାଯାଇଆସୁଛି।

## ହକି ଇଣ୍ଡିଆ

ହକି ଇଣ୍ଡିଆ ପକ୍ଷରୁ ବରିଷ୍ଠ ପୁରୁଷ ଓ ୧୮ ବର୍ଷରୁ କମ୍ ବାଳକ ଓ ବାଳିକା ବର୍ଗ ପାଇଁ ଶିବିରର ଆୟୋଜନ କରାଯାଉଛି। ବରିଷ୍ଠ ପୁରୁଷ ବର୍ଗ ପାଇଁ ୩୬ ଜଣିଆ ଦଳରେ ଓଡ଼ିଶାର ୫ ଜଣ ଖେଳାଳିଙ୍କୁ ସ୍ଥାନ ମିଳିଛି। ସେହିଭଳି ଉପକନିଷ୍ଠ ପୁରୁଷ ଓ ମହିଳା ବର୍ଗରେ ଓଡ଼ିଶାରୁ ୮ ଜଣ ସାମିଲ ହୋଇଛନ୍ତି ।

## ପୋଲିସ୍ ଜଳକ୍ରୀଡ଼ା

ଉତ୍ତରାଖଣ୍ଡର ଡେହେରିଠାରେ ଅନୁଷ୍ଠିତ ସର୍ବଭାରତୀୟ ପୋଲିସ୍ ଜଳକ୍ରୀଡ଼ା କ୍ଲଷ୍ଟର ପ୍ରତିଯୋଗିତାରେ ଉଲ୍ଲେଖନୀୟ ପ୍ରଦର୍ଶନ କରିଥିବା କ୍ରୀଡ଼ାବିତ୍‌ମାନଙ୍କ ସହ ପୋଲିସ୍ ମହାନିର୍ଦ୍ଦେଶକ ୱାଇ.ବି. ଖୁରାନିଆ ଆଲୋଚନା କରିଛନ୍ତି । ଗତ ୮ରୁ ୧୨ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ଏହି ଜାତୀୟ ପ୍ରତିଯୋଗିତାରେ ଓଡ଼ିଶା ପୋଲିସ୍ ମୋଟ୍ ୯ଟି ପଦକ ହାସଲ କରିଛି ।

## ପାଣିପାଗ

ରାଜ୍ୟରେ ଗ୍ରୀଷ୍ମ ପ୍ରବାହ ଜାରି ରହିଛି । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ, ଗତକାଲି ୧୪ଟି ସ୍ଥାନର ତାପମାତ୍ରା ୪୦ ଡିଗ୍ରୀ ଉପରେ ରହିଥିଲା। ଟିଟିଲାଗଡ଼ରେ ସର୍ବାଧିକ

ତାପମାତ୍ରା ୪୨ ଦଶମିକ ୫ ଡିଗ୍ରୀ ସେଲ୍‌ସୟସ୍ ରେକର୍ଡ ହୋଇଥିଲା । ଆସନ୍ତା ୪ ଦିନ ପର୍ଯ୍ୟନ୍ତ ଗ୍ରୀଷ୍ମ ପ୍ରବାହ ଜାରି ରହିବ । ଏଥିସହ ବିଭିନ୍ନ ସ୍ଥାନରେ କାଳବୈଶାଖୀ ହେବା ନେଇ  ପାଣିପାଗ କେନ୍ଦ୍ର ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି ।

ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି କଟକ ଜିଲ୍ଲାର ସମସ୍ତ ବିଦ୍ୟାଳୟ ଓ ଅଙ୍ଗନବାଡ଼ି କେନ୍ଦ୍ରକୁ ଆସନ୍ତା ୨୩ ତାରିଖ ପର୍ଯ୍ୟନ୍ତ ବନ୍ଦ ରଖିବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି । ଏହାକୁ ମିଶାଇ ମୋଟ୍ ୧୮ଟି ଜିଲ୍ଲାରେ ଶିକ୍ଷାନୁଷ୍ଠାନଗୁଡ଼ିକୁ ସାମୟିକ ଭାବେ ଛୁଟି ଘୋଷଣା କରାଯାଇଛି ।

--------------------------------------------------------------